ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡିଶା ସରକାର
Housing & Urban Development Department, Govt. of Odisha

**ଜଟଣୀ ପୌର ପରିଷଦ, ଜଟଣୀ**

**OFFICE OF THE MUNICIPAL COUNCIL: JATANI**

ସ୍ଥାନ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୭୫୨୦୫୦
At/Ps- Jatani, Dist-Khordha (Odisha), Pin-752050

**E-mail – municipalityjatni@gmail.com, Phone. No. 0674- 2490826**

# ବିଜ୍ଞାପନ

**ସଂଖ୍ୟା** ୧୧୫୧ / **ତାରିଖ** ୧୮.୦୨.୨୦୨୫

ଏତଦ୍ୱାରା ଜଟଣୀ ପୌରାଞ୍ଚଳରେ ରାସ୍ତାକଡରେ ବ୍ୟବସାୟ କରୁଥିବା ବ୍ୟକ୍ତି ବିଶେଷ/ ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କର ଅବଗତି ନିମନ୍ତେ ଜଣାଇଦିଆଯାଉଅଛି, ଜଟଣୀ ପୌର ପରିଷଦ ଦ୍ୱାରା ନିମ୍ନରେ ଦର୍ଶାଯାଇଥିବା ସ୍ଥାନମାନଙ୍କରେ ୧୨ ଗୋଟି ଭେଣ୍ଡିଙ୍ଗ ଜୋନ ଓ ୦୪ ଗୋଟି ପିଣ୍ଡି ନିର୍ମାଣ କରାଯାଇଅଛି, ଯାହାକୁ ଆବଣ୍ଟନ ନିମନ୍ତେ ସାଧା କାଗଜରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଉପରଲିଖିତ ପ୍ରସ୍ତାବ ନିମନ୍ତେ ଆବେଦନ କରିବା ପାଇଁ ନିମ୍ନରେ ଦର୍ଶଯାଇଥିବା ଆବଶ୍ୟକୀୟ କାଗଜାତ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆସନ୍ତା ତା ୨୪.୦୨.୨୦୨୫ରଖ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ ଦାଖଲ କରିପାରିବେ । ଏହି ପ୍ରସ୍ତାବ ନିମନ୍ତେ ନିମ୍ନରେ ଦର୍ଶାଯାଇଥିବା ସ୍ଥାନମାନଙ୍କରେ ସେହି ୱାର୍ଡର ରାସ୍ତା କଡରେ ବ୍ୟବସାୟ କରୁଥିବା ଦରଖାସ୍ତକାରୀଙ୍କୁ ଅଗ୍ରାଧିକାର ଦିଆଯିବ । ଯଦି କୌଣସି ଦରଖାସ୍ତ ସମ୍ପୃକ୍ତ ୱାର୍ଡରୁ ଆବେଦନ ହୋଇନଥାଏ ତେବେ ଅନ୍ୟ ଆବେଦନକାରୀଙ୍କ ପ୍ରସ୍ତାବକୁ ସୁଯୋଗ ଦିଆଯିବ । ଆବେଦନ ପତ୍ର ଖୋଲିବା ସମୟ ହେଉଛି ତା ୨୪.୦୨.୨୦୨୫ରଖ ଅପରାହ୍ନ ୪.୦୦ଘଟିକା ସମୟ ଧାର୍ଯ୍ୟ କରାଗଲା । ଯଦି କେହି ନିର୍ଧାରିତ ସମୟ ସୀମା ମଧରେ ଆବେଦନ ନ କରନ୍ତି ତେବେ ସେମାନଙ୍କ ଦରଖାସ୍ତକୁ ବିଚାରକୁ ନିଆଯିବ ନାହି ଏବଂ ତାହାକୁ ନାକଚ କରାଯିବ । ଅଧିକ ବିବରଣୀ ପାଇଁ ଜଟଣୀ ପୌର କାର୍ଯ୍ୟାଳୟର ସରକାରୀ ୱେବସାଇଟ www.jatnimunicipality.in କୁ ଯାଇ ଜାଣିପାରିବେ ।

**ଭେଣ୍ଡିଙ୍ଗ ଜୋନ ଓ ପିଣ୍ଡିର ତାଲିକା:-**

୧. ସ୍ୱୀପର କଲୋନୀ, ୱାର୍ଡ ସଂଖ୍ୟା ୦୮ରେ ୦୧ ଗୋଟି ଭେଣ୍ଡିଙ୍ଗ ଜୋନ ଆବଣ୍ଟନ କରାଯିବ ।
୨. ଜଟଣୀ ମହାବିଦ୍ୟାଳୟ ରାସ୍ତା ପାଖ, ୱାର୍ଡ ସଂଖ୍ୟା ୦୮ରେ ୦୬ ଗୋଟି ଭେଣ୍ଡିଙ୍ଗ ଜୋନ ଆବଣ୍ଟନ କରାଯିବ ।
୩. ଚର୍ଚ୍ଚ ପାଖ, ୱାର୍ଡ ସଂଖ୍ୟା ୧୪ରେ ୦୫ ଗୋଟି ଭେଣ୍ଡିଙ୍ଗ ଜୋନ ଆବଣ୍ଟନ କରାଯିବ ।
୪. ସୁଶିଳା ଦେବୀ ପ୍ରଗତି ବିଦ୍ୟାପୀଠ ପାଖ, ୱାର୍ଡ ସଂଖ୍ୟା ୧୪ରେ ୦୪ ଗୋଟି ପିଣ୍ଡି ଆବଣ୍ଟନ କରାଯିବ ।

**ଆବଶ୍ୟକୀୟ କାଗଜାତ :-**

୧. ସାଧା କାଗଜରେ ବିସ୍ତୃତ ଦରଖାସ୍ତ ପ୍ରଦାନ କରିବେ ।
୨. ଟ. ୫୦୦/- ର ଏକ ରସିଦ ପତ୍ର ପ୍ରଦାନ କରିବେ ।
୩. ବ୍ୟବସାୟର ପ୍ରମାଣ ପତ୍ର ପ୍ରଦାନ କରିବେ ।
୪. ଭୋଟର ପରିଚୟ ପତ୍ର/ ଆଧାର କାର୍ଡର ନକଲ ଠିକଣା ସହ ପ୍ରଦାନ କରିବେ ।

**ନିର୍ବାହୀ ଅଧିକାରୀ**
**ଜଟଣୀ ପୌର ପରିଷଦ**

**ଉପପତ୍ର ସଂଖ୍ୟା** ୧୧୫୨ / **ତାରିଖ** ୧୮.୦୨.୨୦୨୫

ଏହାର ଏକକିତା ନକଲ **ପୌର କାର୍ଯ୍ୟାଳୟ** ନୋଟିସ ବୋର୍ଡରେ ସର୍ବ ସାଧାରଣଙ୍କ ସୂଚନା ନିମନ୍ତେ ଲଗାଇବାକୁ ପ୍ରେରଣ କରାଗଲା ।

**ନିର୍ବାହୀ ଅଧିକାରୀ**
**ଜଟଣୀ ପୌର ପରିଷଦ**

ଉପପତ୍ର ସଂଖ୍ୟା ୧୧୬୩ / ତାରିଖ ୧୮.୦୨.୨୦୨୪

ଏହାର ଏକକିତା ନକଲ **ଅଧକ୍ଷ/ ଉପଧକ୍ଷା/ ପାରିଷଦଙ୍କ** ଅବଗତି ଓ ଉଚ୍ଛିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ଜଟଣୀ ପୌର ପରିଷଦ

ଉପପତ୍ର ସଂଖ୍ୟା ୧୧୬୪ / ତାରିଖ ୧୮.୦୨.୨୦୨୪

ଏହାର ଏକକିତା ନକଲ **ସହକାରୀ ନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା ସରକାରଙ୍କ** ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଅନୁରୋଧ କରାଗଲା ଯେ ଏହାକୁ ଏକ ଗୋଟି ଓଡିଆ ଖବର କାଗଜରେ ସର୍ବସାଧାରଣଙ୍କ ସୂଚନା ନିମନ୍ତେ ପ୍ରସାରଣ କରିବେ ।

ନିର୍ବାହୀ ଅଧିକାରୀ
ଜଟଣୀ ପୌର ପରିଷଦ

ଉପପତ୍ର ସଂଖ୍ୟା ୧୧୬୫ / ତାରିଖ ୧୮.୦୨.୨୦୨୪

ଏହାର ଏକକିତା ନକଲ **ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, ଖୋର୍ଦ୍ଧାଙ୍କ** ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ଜଟଣୀ ପୌର ପରିଷଦ